ଶ୍ରୀ ସୁଭରନ ରାଜାରାମ ବାନ୍ଦେକର ଏବଂ ଅନ୍ୟମାନେ

ବନାମ

ଶ୍ରୀ ନାରାୟଣ ଆର୍. ବାନ୍ଦେକର ଏବଂ ଅନ୍ୟମାନେ

ସେପ୍ଟେମ୍ବର 2,1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା 1908:*

*ଆପୋସ ସମାଧାନରେ ସମ୍ମତି ଡିଗ୍ରୀ–ସଂଶୋଧନ ମାଧ୍ୟମରେ ନ୍ୟାୟାଳୟ ଏହାଙ୍କର ସର୍ତ୍ତାବଳୀରେ ହସ୍ତକ୍ଷେପ କରିବାକୁ ଅନିଚ୍ଛୁକ ହେବେ ଯଦି ଉଭୟ ପକ୍ଷ ଏଥିରେ ସମ୍ମତି ନ ଦିଅନ୍ତି–ବର୍ତ୍ତମାନର ମାମଲାର ତଥ୍ୟରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁପାଳନ କରାଯାଇଛି–ଧାର୍ଯ୍ୟ ତାରିଖରେ ଦେୟ ପ୍ରଦାନ କରାଯାଇଛି–କେତେକ ଯାନର ଆର୍.ସି. ବହି ହସ୍ତାନ୍ତର ନକରିବା ପାଇଁ କାରଣ ଦିଆଯାଇଛି–ତେଣୁ କୌଣସି ହସ୍ତକ୍ଷେପ ଲୋଡ଼ାଯାଇ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 12011-12/1996 ।

ଏଲ୍.ପି.ଏ. ସଂଖ୍ୟା 155 ଏବଂ 156/1995 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ତା 15.12.95 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ସି. ସୀତାରାମୈୟା ଏବଂ କେ.ଆର୍. ନାମ୍ବିୟାର ।

ଉତ୍ତରଦାତାମାନଙ୍କ ପାଇଁ ଆର୍.ଏଫ୍. ନରିମନ, ପି. ଭେନୁଗୋପାଳ ଏବଂ କେ.ଜେ. ଜନ୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ମଞ୍ଜୁର କରାଗଲା ।

ଆମେ ଉଭୟ ପକ୍ଷଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏଲ୍.ପି.ଏ ସଂଖ୍ୟା 155-156/95 ରେ କରାଯାଇଥିବା ତା ଡିସେମ୍ବର 15,1995 ରିଖର ଆଦେଶରୁ ଉତ୍ପନ୍ନ ହୋଇଛି । ଆମକୁ ମାଲିମକଦ୍ଦମାର ସମସ୍ତ ବିବରଣୀ ଅତିକ୍ରମ କରିବା ଆବଶ୍ୟକ ନୁହେଁ । ଏହା କହିବା ଯଥେଷ୍ଟ ହେବ ଯେ,

ଆମେ ମୁଖ୍ୟତଃ ସମ୍ମତି ଡିକ୍ରି ଅନୁଯାୟୀ ପରିମାଣର ଦେୟ ପୁନଃନିର୍ଦ୍ଧାରିତ କରିବା ପାଇଁ ନ୍ୟାୟାଳୟଙ୍କ କ୍ଷମତାର ପ୍ରଶ୍ନ ଉପରେ ବିଜ୍ଞପ୍ତି ଜାରି କରିଛୁ । ଆପୋସ ସମାଧାନରେ ଏକ ସମ୍ମତି ଡିକ୍ରିରେ, ସଂଶୋଧନ ମାଧ୍ୟମରେ ନ୍ୟାୟାଳୟ ଏହାଙ୍କର ସର୍ତ୍ତାବଳୀରେ ହସ୍ତକ୍ଷେପ କରିବାକୁ ଅନିଚ୍ଛୁକ ହେବେ ଯଦି ଉଭୟ ପକ୍ଷ ଏଥିରେ ସମ୍ମତି ନ ଦିଅନ୍ତି । ଶେଷ ମୁହୂର୍ତ୍ତରେ, ଯେତେବେଳେ ମାମଲାର ଶୁଣାଣି ହେଲା, ଉତ୍ତରଦାତାମାନଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀ ଟି.ଆର୍. ଅନ୍ଧିରୁଜିନା କହିଥିଲେ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ଅନୁଯାୟୀ ସେମାନେ ନିର୍ଦ୍ଦେଶାବଳୀ ସହିତ ଅନୁପାଳନ କରିଛନ୍ତି । ତେଣୁ, ତା ଜୁଲାଇ 22, 1996 ରିଖର ଆଦେଶ ଦ୍ୱାରା, ଆମେ ଉତ୍ତରଦାତାମାନଙ୍କୁ କେଉଁ ତାରିଖରେ ଅନୁପାଳନ କରାଯାଇଥିଲା ସେ ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲୁ । ଏହାର ଅନୁସରଣରେ, ଏକ ସତ୍ୟପାଠ ଦାଖଲ କରାଯାଇଛି ଯେଉଁଥିରେ କୁହାଯାଇଛି ଯେ, ସମସ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରାଯାଇଛି ଏବଂ ଭବିଷ୍ୟତରେ ପ୍ରଦାନ କରାଯିବାକୁ ଥିବା ତିନୋଟି କିସ୍ତି ବ୍ୟତୀତ ଧାର୍ଯ୍ୟ ତାରିଖରେ ଦେୟ ପ୍ରଦାନ କରାଯାଇଛି, ଯଥା, ପ୍ରଥମଟି ଏହି ମାସରେ ଅର୍ଥାତ ସେପ୍ଟେମ୍ବର 96, ଦ୍ୱିତୀୟଟି ଅକ୍ଟୋବର 96 ରେ, ଏବଂ ତୃତୀୟ ଏବଂ ଶେଷଟି, ଡିସେମ୍ବର 96 ରେ । ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ, ପର୍ଯ୍ୟାପ୍ତ ପରିମାଣର ଅର୍ଥ ପୂର୍ବରୁ ପ୍ରଦାନ କରାଯାଇସାରିଛି, ଆମେ ଭାବୁନାହୁଁ ଯେ, ଏହା ଏକ ଉପଯୁକ୍ତ ମାମଲା ଯାହା ବିଶେଷ ପରିସ୍ଥିତିରେ ହସ୍ତକ୍ଷେପ କରିବା ଆବଶ୍ୟକ କରେ । ବିବାଦର ଅନ୍ୟ ଏକ କ୍ଷେତ୍ର ଯାହାକୁ ବର୍ତ୍ତମାନ ଉଠାଇବାକୁ ଅନୁରୋଧ କରାଯାଉଛି ତାହା ହେଉଛି ସାତଟି ଯାନ ସମ୍ପର୍କିତ ଆର୍.ସି. ବହିଗୁଡ଼ିକର ହସ୍ତାନ୍ତର କରିବାରେ ବିଫଳତା । କେଉଁ ପରିସ୍ଥିତିରେ ପାଞ୍ଚଟି ଯାନ ସମ୍ପର୍କିତ ଆର୍. ସି. ବହିଗୁଡ଼ିକ ହସ୍ତାନ୍ତର କରାଯାଇପାରିଲା ନାହିଁ, ତାହା ଦର୍ଶାଇବାକୁ ଆମ ସମ୍ମୁଖରେ ଉପସ୍ଥାପିତ ସତ୍ୟପାଠ ଏବଂ ନଥିଗୁଡ଼ିକରେ କୁହାଯାଇଛି । ଷଷ୍ଠ ଯାନ ସମ୍ପର୍କରେ ଏହା କୁହାଯାଇଛି ଯେ, ବର୍ତ୍ତମାନ ଏହାକୁ ଅନୁପାଳନ କରାଯାଇଛି । ସପ୍ତମ ଯାନ ସମ୍ପର୍କରେ, ନ୍ୟାୟାଳୟଙ୍କ ସମ୍ମୁଖରେ ଏବଂ ସତ୍ୟପାଠରେ ମଧ୍ୟ କୁହାଯାଇଛି ଯେ, ଯାନଟି ଏକ ରଦି ଭାବରେ ବିକ୍ରି ହୋଇଥିଲା; ଫଳସ୍ୱରୂପ, ଆର୍.ସି. ବହି ହସ୍ତାନ୍ତର କରାଯାଇପାରିଲା ନାହିଁ । ଅପିଲକାରୀମାନଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀଯୁକ୍ତ ସି. ସୀତାରାମୈୟା ବର୍ଣ୍ଣନା କରିଛନ୍ତି ଯେ, ଯାନଟିକୁ ଗୋଟିଏ ସ୍ଥାନରେ ରଖାଯାଇଥିଲା ଏବଂ ଯାନଗୁଡ଼ିକୁ ବ୍ୟବହାର କରିବାକୁ ଅନୁମତି ନ ଦେବାରେ ଉତ୍ତରଦାତାଙ୍କ ଆଚରଣ ହେତୁ ଯାନଟି ରଦିମାଲ ହୋଇଗଲା । ତାହା ଏହି ବିବାଦ ନୁହେଁ ଯାହା ଆମେ ଏଠାରେ ନିଷ୍ପତ୍ତି ନେଇପାରିବା । ଏହି ପରିସ୍ଥିତି ଅନୁସାରେ, ଆମେ ଭାବୁନାହୁଁ ଯେ, ଏଗୁଡ଼ିକ ହସ୍ତକ୍ଷେପ ପାଇଁ ମାମଲା ଅଟନ୍ତି ।

ତଦନୁସାରେ ଅପିଲଗୁଡ଼ିକୁ ଖାରଜ କରାଯାଇଛି । ବିନା ଖର୍ଚ୍ଚରେ ।

ଜି.ଏନ୍.

ଅପିଲଗୁଡ଼ିକ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**